ଶେଷ ଖବର

ସୂର୍ଯ୍ୟପ୍ରଭା ୩ ସୋମବାର, ୩୦ ସେପ୍ଟେମ୍ବର ୨୦୨୪

ସର୍ଚ୍ଚ ଅପରେସନବେଳେ ୫ ଯବାନ ଆହତ

॥ ପ୍ରଭାନ୍ୟୁଜ୍ ॥ ମାଲକାନଗିରି, ୨୯।୯ : ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟ ବିଜାପୁର ଜିଲ୍ଲା ତର୍‌ରେମ ଥାନା ଜଙ୍ଗଲ ରାସ୍ତା ଅଞ୍ଚଳରେ ମାଓବାଦୀମାନେ ଖଞ୍ଜି ଥିବା ପ୍ରେସର ମାଇନ ବିସ୍ଫୋରଣରେ ୫ ଯବାନ ଆହତ ହୋଇଥିବା ସୂଚନା ମିଳିଛି।

ସୂଚନାନୁସାରେ ଆଜି ସକାଳ ଭୋର ସମୟରେ ଚିନ୍ନାଗେଲୁର ସିଆରପିଏଫ୍ କ୍ୟାମ୍ପରୁ ଯବାନମାନେ ସର୍ଚ୍ଚ ଅପରେସନ ପାଇଁ ଯାଇଥିଲେ। ଅପରେସନ ଚାଲିଥିବା ବେଳେ ପୂର୍ବରୁ ମାଓବାଦୀ ଖଞ୍ଜିଥିବା ପ୍ରେସର ମାଇନ ହଟାତ ବିସ୍ଫୋରଣ ଘଟିଥିଲା। ସେହି ରାସ୍ତାରେ ଯାଉଥିବା ପାଞ୍ଚ ଜଣ ଯବାନ ସାମାନ୍ୟ ଆହାତ ହୋଇଛନ୍ତି। ଆହାତ ଯବାନମାନଙ୍କୁ ପ୍ରାଥମିକ ଉପଚାର ପରେ ଉଚିତ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଛି। ଅଧିକ ପୁଲିସ ଘଟଣା ସ୍ଥଳରେ ପହଁଚି ସର୍ଚ୍ଚ ଅପରେସନକୁ ଜୋରଦାର କରିଛନ୍ତି।

ବିରାଜିବେ 'ମା'
ଝାରପଡା ଦୁର୍ଗା ପୂଜା ସମିତି

ଇମ୍ପେରିଆଲ ପ୍ୟାଲେସକୁ ଆସିବେ ମାଆ
ପିନ୍ଧିବେ ରୁପା ମୁକୁଟ
ଜଳିବ ରାବଣ
ଅଷ୍ଟମୀରେ ହାଲୁଆ ଭୋଗ

॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର, ୨୯।୯ : ଆସୁଛନ୍ତି ମହାମାୟା। ସେଥିପାଇଁ ସୁଉଚ୍ଚ ଓ ଆକର୍ଷଣୀୟ ତୋରଣ ପ୍ରସ୍ତୁତିରେ ଲାଗିପଡିଛନ୍ତି ପୂଜା କମିଟି କର୍ମକର୍ତ୍ତା। ସବୁବେଳେ ଚର୍ଚ୍ଚାରେ ରହିଥିବା ରାଜଧାନୀର ଝାରପଡ଼ା ଦୁର୍ଗାପୂଜା ସମିତି ଚଳିତ ବର୍ଷ ପୂଜାକୁ ଆହୁରି ସୁନ୍ଦର କରିବା ପାଇଁ ଲାଗି ପଡିଛି। ଦୁର୍ଗାପୂଜା ଏଥର ଚତୁର୍ଦ୍ଦଶ ବର୍ଷରେ ପଦାର୍ପଣ କରିଛି। ସବୁ ବର୍ଷ ଭଳି ଏଥର ମଧ କିଛି ନୂଆ କରିବାର ପ୍ରୟାସ ଜାରି ରଖିଛି। ଗତ ତେର ବର୍ଷ ଧରି ଝାରପଡ଼ା ଦୁର୍ଗାପୂଜା ମଣ୍ଡପର ସାଜସଜ୍ଜା ରାଜଧାନୀବାସୀଙ୍କୁ ଆକର୍ଷିତ କରିବା ସହ ଓଡ଼ିଶାର ତଥା ଅନ୍ୟ ରାଜ୍ୟମାନଙ୍କରେ ବିଭିନ୍ନ ସ୍ଥାନରେ ରହୁଥିବା ଲୋକଙ୍କ ନିକଟରେ ବହୁ ଆଦୃତ ଓ ପ୍ରଶଂସିତ ହୋଇ ଆସୁଛି। ବର୍ତ୍ତମାନ ପାଣିପାଗ ଓ ବିଗତ ବର୍ଷର ଅଭିଜ୍ଞତାକୁ ନଜରରେ ରଖି ଏ ବର୍ଷ ଜନ ସମାଗମ ଅଧିକ ହେବ ବୋଲି ପ୍ରକାଶ କରିଛନ୍ତି ପୂଜା କମିଟିର ସଭାପତି ଶିଖର ଚନ୍ଦ୍ର ଜେନା ଓ ସମ୍ପାଦକ ଧରଣୀର ଜେନା।

ପଶ୍ଚିମବଙ୍ଗର ପ୍ରଖ୍ୟାତ କାରିଗର ସ୍ୱପନ ମାନାଙ୍କ ସହ ୫୦ ଜଣ ସହଯୋଗୀ କାରିଗର ଦେଢ଼ମାସ ଧରି ତୋରଣ ନିର୍ମାଣ ଦାୟିତ୍ୱରେ ରହିଛନ୍ତି । ଚଳିତ ବର୍ଷ ଝାରପଡ଼ା ଦୁର୍ଗାପୂଜାରେ 'ମା' ଆବିର୍ଭାବ ହେବେ ନୂତନ ଭାବେ ନିର୍ମାଣ କରାଯାଇଥିବା ଝାରପଡ଼ା ଦୁର୍ଗାପୂଜା ସମିତିର ନିଜସ୍ୱ ପରିକଳ୍ପିତ ଇମ୍ପେରିଆଲ ପ୍ୟାଲେସ୍‌ରେ । ଏହି ତୋରଣ ନିର୍ମାଣରେ ବିଭିନ୍ନ ପ୍ରକାରର ପଦାର୍ଥ ବ୍ୟବହାର ହୋଇଛି; ଯଥା - ବାଉଁଶ, କାଠବିଟ୍, ପ୍ଲାଏ, ଫାଇବର, ସନପ୍ୟାକ, ୟୁନିଫୋମ, ରଙ୍ଗୀନ କାଚ ଇତ୍ୟାଦି । ଏହାର ଉଚ୍ଚତା ହାରାହାରି ୮୫ ଫୁଟ ଓ ଚଉଡ଼ା ୧୫୦ ଫୁଟ । ଭକ୍ତମାନଙ୍କୁ ସୁରକ୍ଷିତ ଦର୍ଶନ ପାଇଁ ଗୋଟିଏ ପ୍ରବେଶ ପଥ ରହିଥିବାବେଳେ ଭିତର ପଟେ ୪ଟି ପ୍ରସ୍ଥାନ ପଥ ରଖାଯାଇଛି । ତୋରଣ ଭିତରେ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯାଇଛି। ପଶ୍ଚିମବଙ୍ଗର ଚନ୍ଦନ ନଗର ନାମୀ କାରିଗର ଦେବାଶିଷ ପାଲ ଓ ଭୁବନେଶ୍ୱରର ପବିତ୍ର ସ୍ୱାଇଁଙ୍କ ମାଧ୍ୟମରେ ଆଲୋକ ସଜ୍ଜା ବ୍ୟବସ୍ଥା କରାଯାଇଛି। ୩ଟି ମୁଖ୍ୟ ଗେଟ ସମେତ ଅନ୍ୟ ୫ଟି ଗେଟ୍ ମାଧ୍ୟମରେ ବିଭିନ୍ନ ପୌରାଣିକ, ଆଧୁନିକ ଓ ଆଦିବାସୀଙ୍କ କଥାବସ୍ତୁକୁ ରୂପ ଦେବ ଏଲଇଡ଼ି ଓ ମେକାନିକାଲ ଷ୍ଟ୍ରକଚର। ପ୍ରତିବର୍ଷ ଭଳି ଚଳିତ ବର୍ଷ 'ମା' ଦୁର୍ଗାଙ୍କୁ ବଙ୍ଗୀୟ ପୂଜାନୀତିରେ ଆବାହନ କରାଯିବ। ଏଥିସହିତ ସପ୍ତମୀ, ନବମୀ ଓ ଦଶମୀ ତିଥିରେ ଭକ୍ତମାନଙ୍କ ପାଇଁ ଖେଚୁଡ଼ି ଭୋଗର ବ୍ୟବସ୍ଥା ଥିବାବେଳେ ଅଷ୍ଟମୀ ଦିନ ହାଲୁଆ ଭୋଗ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି ବୋଲି କହିଛନ୍ତି ଆବାହକ ଶ୍ରୀଧର ଜେନା।

ଓଡ଼ିଶାର ପ୍ରତିଷ୍ଠିତ ମୂର୍ତ୍ତି କାରିଗର କଟକର ମାନସ ରଞ୍ଜନ ବେହେରାଙ୍କ ଦ୍ୱାରା 'ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ୧୨ ଫୁଟ ଉଚ୍ଚତାର ହୋଇଥିବାବେଳେ କଟକର ପ୍ରଖ୍ୟାତ କାରିଗର ଭଗବାନ ବେହେରାଙ୍କ ଦ୍ୱାରା ୨୦ ଫୁଟ ଉଚ୍ଚତାର ବୁଲେନ ଓ ସୁନେଲି ମେଡ଼ ତିଆରି କରାଯାଇଛି । ଚଳିତ ବର୍ଷ 'ମା' ଦୁର୍ଗାଙ୍କ ରୁପା ମୁକୁଟ ସହ ପାର୍ଶ୍ୱଦେବତାମାନେ ଭକ୍ତମାନଙ୍କୁ ରୁପା ଅଳଙ୍କାରରେ ଦର୍ଶନ ଦେବେ । ଷଷ୍ଠିଠାରୁ ଦଶମୀ ତିଥି ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଓ କଟକର ନାମୀଦାମୀ କଳାକାରମାନେ ଦର୍ଶକମାନଙ୍କୁ ଭରପୁର ମନୋରଞ୍ଜନ ଯୋଗାଇଦେବେ । ପ୍ରତି ବର୍ଷ ଭଳି ଦଶମୀ ତିଥି ସନ୍ଧ୍ୟା ୭ଟା ସମୟରେ ସମିତି ତରଫରୁ ୪୦ ଫୁଟ ଉଚ୍ଚତାର ରାବଣ ପୋଡ଼ି ସାଙ୍ଗକୁ ବିଭିନ୍ନ ପ୍ରକାର ଆତସବାଜି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଗତବର୍ଷ ଭଳି ଝାରପଡ଼ା ଗ୍ରାମସ୍ଥ ଦୋଳମେଳଣ ପଡ଼ିଆରେ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଝାରପଡ଼ା ପୂଜା ସମିତି ସବୁବର୍ଷ ଭଳି ଜାତି, ଧର୍ମ, ବର୍ଣ୍ଣ ଓ ସାମ୍ପ୍ରଦାୟିକ ଭାବ ବଜାୟ ରଖିବା ସହିତ ହିନ୍ଦୁ, ମୁସଲମାନ ଭାଇଚାରା ନୀତିକୁ ଆଧାର କରି ସୁରୁଖୁରୁରେ ପୂଜା ସମ୍ପନ୍ନ କରାଯିବା ପାଇଁ ସମସ୍ତ ସହଯୋଗ କାମନା କରିଛନ୍ତି ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଉଗ୍ରସେନ ମଙ୍ଗରାଜ, ବୁଲେଇ ଜେନା, ରଣଜିତ କୁମାର ରାୟ, ପ୍ରଫୁଲ୍ଲ ସାମନ୍ତରାୟ, ବିଶ୍ୱମ୍ବର ପ୍ରଧାନ, ଫରଜନ୍ ଅଲ୍ଲୀ ଖାନ୍ ଓ କଲି ମୁଦ୍ଦିନ ଖାନ୍ ପ୍ରମୁଖ ।

ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଆମ ପୂଜା କମିଟି ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷାକୁ ସୁବ୍ୟବସ୍ଥିତ କରିବାକୁ ଗୁରୁତ୍ୱ ଦେଇଛି । ଏଥିପାଇଁ କମିସନରେଟ୍ ପୁଲିସ ସହାୟତାରେ ପୂଜା କମିଟିର ୩୦୦ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ସୁରକ୍ଷିତ ବ୍ୟବସ୍ଥା ଉପରେ ନଜର ରଖିବ ୨୦ଟି ସିସିଟିଭି କ୍ୟାମେରା ଏବଂ ମଣ୍ଡପର ସମସ୍ତ ଦୃଶ୍ୟକୁ ୩ଟି ଭିଡ଼ିଓ କ୍ୟାମେରା ଓ କମିଟି କ୍ୟାମେରା ମାଧ୍ୟମରେ ପ୍ଲାଜମା ଓ ୨ଟି ଏଲଇଡ଼ି ପ୍ୟାନେଲ୍ ଦ୍ୱାରା ପ୍ରସାରିତ କରାଯିବ । ଅନ୍ୟୁନ ୨୦ଟି ୱାକିଟକି ମାଧ୍ୟମରେ ଯୋଗାଯୋଗ ରକ୍ଷା ସହ ଟ୍ରାଫିକ ବ୍ୟବସ୍ଥାରେ ଆମ ସ୍ୱେଚ୍ଛାସେବୀ ସହାୟତା କରିବେ। ପୂଜା ମଣ୍ଡପ ପରିସରକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ନିଷ୍ପତ୍ତି କରାଯାଇଛି । ଆଶୁ ଚିକିତ୍ସା ଓ ସୂଚନା କେନ୍ଦ୍ର : ସମିତି ତରଫରୁ ପ୍ରାଥମିକ ଚିକିତ୍ସା ବାବଦରେ ଯଥେଷ୍ଟ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ କର୍ମକର୍ତ୍ତା ଓ ଜନସାଧାରଣଙ୍କୁ ତୁରନ୍ତ କୌଣସି ତଥ୍ୟ ପାଇବା ପାଇଁ ସୂଚନା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷିତ ଦର୍ଶନ ପାଇଁ ପୂଜା ସମିତି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସମସ୍ତ ଭକ୍ତ ଓ ଜନସାଧାରଣଙ୍କ ଆମୋଦ ପ୍ରମୋଦ ନିମନ୍ତେ ମୀନା ବଜାରର ଆୟୋଜନ କରାଯାଇଛି ।

ଭସାଣୀ ଉତ୍ସବ ରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭିନ୍ନ ଭିନ୍ନ ପାରମ୍ପାରିକ ତଥା ଆଧୁନିକ ବାଦ୍ୟଯନ୍ତ୍ର, ଦୁଲ୍‌ଦୁଲି ବାଜା, ସିଂଘ ବାଜା, କେରଳର ପାରମ୍ପାରିକ ବାଜା, ଅଘୋରୀ ଗ୍ରୁପ (ସମ୍ବଲପୁରୀ), ଷ୍ଟାର ବ୍ରାସ୍ ବ୍ୟାଣ୍ଡପାର୍ଟି ରାଉରକେଲା, ଲାଇଟ୍ ସହ ଡ୍ରମ୍ ବାଜା, ସମ୍ବଲପୁରୀ ବାଜା ଓ ପଞ୍ଜାବୀ ବାଜା ଶୋଭାଯାତ୍ରାରେ ସୋପାନରେ ମୁଖ୍ୟଭୂମିକା ଗ୍ରହଣ କରିବେ।

ଶିଖର ଚନ୍ଦ୍ର ଜେନା
ସଭାପତି

ଧରଣୀଧର ଜେନା
ସଂପାଦକ

ଡମ୍ଫରକୁ ପିଟିଲା ବସ, ୯ ମୃତ

॥ ଏଜେନ୍ସି॥ ଭୋପାଳ, ୨୯।୯ : ରାସ୍ତା କଡରେ ଛିଡା ହୋଇଥିବା ଡମ୍ଫରକୁ ପିଟିଲା ଯାତ୍ରୀବାହୀ ବସ୍। ଚାଲିଗଲା ୯ ଜଣଙ୍କ ଜୀବନ। ସେହିପରି ୨୦ରୁ ଅଧିକ ଆହତ ହୋଇଛନ୍ତି। ମଧ୍ୟପ୍ରଦେଶରେ ଘଟିଛି ଏଭଳି କିଛି ଭୟଙ୍କର ସଡକ ଦୁର୍ଘଟଣା। ଉତ୍ତରପ୍ରଦେଶରୁ ନାଗପୁର ଅଭିମୁଖେ ଯାଉଥିବା ଏକ ଲଗ୍‌ଜୁରୀ ଯାତ୍ରୀବାହୀ ବସ୍ ଡମ୍ଫର ସହ ଧକ୍କା ହୋଇଛି। ଆଜି ଭୋରରୁ ମଇହର ଜିଲ୍ଲାର ନାଦାନ ନିକଟରେ ଏହି ଦୁର୍ଘଟଣା ଘଟିଛି। ଦ୍ରୁତ ଗତିରେ ଆସି ଆଭା ଟ୍ରାଭେଲ୍ସର ଏହି ଲଗ୍‌ଜୁରୀ ବସ୍ ରାସ୍ତା ପାର୍ଶ୍ୱରେ ଛିଡା ହୋଇ ରହିଥିବା ଏକ ପଥର ଲୋଡ୍ ଡମ୍ଫରକୁ ପଛପଟୁ ଧକ୍କା ଦେଇଛି। ଏଥିରେ ୯ ଜଣଙ୍କ ମୃତ୍ୟୁ ହୋଇଛି।ସେହିପରି ୨୦ ଜଣ ଆହତ ହୋଇଛନ୍ତି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି। ସେହିପରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମଇହର ଏସପି ସୁଧୀର ଅଗ୍ରୱାଲ କହିଛନ୍ତି ଯେ, ଦୁର୍ଘଟଣାରେ ୧୯ରୁ ୨୦ ଲୋକ ଆହତ ହୋଇଛନ୍ତି। ସେହିପରି ୬ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୩ ଜଣ ପ୍ରାଣ ହରାଇଛନ୍ତି। ବସ୍‌ଟି ପ୍ରୟାଗରାଜରୁ ନାଗପୁର ଯାଉଥିଲା। ତେବେ ଦ୍ରୁତ ଗତିରେ ଅସି ଡମ୍ଫରକୁ ଧକ୍କା ଦେବାକୁ ଏହି ଦୁର୍ଘଟଣା ଘଟିଛି। ଧକ୍କା ହେତୁ ବସର ଆଗ ଭାଗ ନଷ୍ଟ ହୋଇଯାଇଛି। ବସ୍‌ଡ୍ରାଇଭର ଆଖି ପଡି ଯାଇଥିବାରୁ ଏହି ଦୁର୍ଘଟଣା ଘଟିଥିବା ଆଶଙ୍କା କରାଯାଉଛି। ପୂରା ଘଟଣାର ତଦନ୍ତ ଜାରି ରହିଛି। ଏହି ଘଟଣାରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

କାଶ୍ମୀରରେ ନସରଲ୍ଲାହଙ୍କ ସମର୍ଥନରେ ରାଲି

॥ ଏଜେନ୍ସି ॥ ଶ୍ରୀନଗର, ୨୯।୯ : ଜମ୍ମୁ କାଶ୍ମୀରରେ ପଡ଼ିଛି ମଧ୍ୟପ୍ରାଚ୍ୟ ହିଂସାର ପ୍ରଭାବ। ଲେବାନର ସମର୍ଥିତ ସଂଗଠନ ହେଜବୋଲ୍ଲାର ମୁଖ୍ୟ ହାସନ ନସରଲ୍ଲାହଙ୍କ ମୃତ୍ୟୁକୁ ବିରୋଧ କରି ଆଜି ଜମ୍ମୁ କାଶ୍ମୀରରେ କିଛି ଲୋକ ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି। ଜମ୍ମୁ କାଶ୍ମୀର ବୁଡଗାମରେ ଏହି ପ୍ରତିବାଦ ସଭା କରାଯାଇଛି। ଶହ ଶହ ଲୋକେ ଏଥିରେ ସାମିଲ ହୋଇ ହେଜବୋଲ୍ଲାର ମୁଖ୍ୟ ଦିବଂଗତ ନସରଲ୍ଲାହ ସମର୍ଥନରେ ସ୍ଲୋଗାନ ଦେଇଛନ୍ତି। ରାଜ୍ୟରେ ତୃତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ପ୍ରସାର ଚାଲିଥିବାବେଳେ ଏହି ରାଲିକୁ ନେଇ ରାଜନୈତିକ ଆରୋପ-ପ୍ରତ୍ୟାରୋପ ଆରମ୍ଭ ହୋଇଛି। ବିଜେପି ନେତା ତଥା ପୂର୍ବତନ ଜମ୍ମୁ କାଶ୍ମୀରର ଉପମୁଖ୍ୟମନ୍ତ୍ରୀ କବିନ୍ଦର ଗୁପ୍ତା ପିଡିପି ମୁଖ୍ୟ ମେହବୁବା ମୁଫତି ରାଲି ବାତିଲ୍ କରିବାକୁ ନେଇ ବର୍ଷିଛନ୍ତି। ନସରଲ୍ଲାହ ମୃତ୍ୟୁକୁ ନେଇ ପ୍ରତିବାଦ ଚାଲିଥିବାରୁ ମେହବୁବା ରାଲି ବାତିଲ୍ କରିଦେଇଥିବା ସେ ଅଭିଯୋଗ କରିଛନ୍ତି। କେବଳ ଏତିକି ନୁହେଁ, ବାଂଲାଦେଶ ହିଂସା ପ୍ରସଙ୍ଗ ଉଠାଇ କଟାକ୍ଷ କରିଛନ୍ତି କବିନ୍ଦର ଗୁପ୍ତା। ସେ କହିଛନ୍ତି, ଯେତେବେଳେ ବାଂଲାଦେଶରେ ହିନ୍ଦୁମାନଙ୍କୁ ଆକ୍ରମଣ କରାଯାଉଥିଲା ସେତେବେଳେ ମେହବୁବା ମୁଫତିଙ୍କ ପାଟି ଚୁପ୍ ହୋଇ ଯାଇଥିଲା। ଏବେ ନସରଲ୍ଲାହ ମୃତ୍ୟୁରେ ସମବେଦନା ଦେଖାଉଛନ୍ତି। ଏସବୁ କୁମ୍ଭୀର କାନ୍ଦଣା, ଲୋକେ ଠିକ୍ ଏହା ପଛର ଉଦ୍ଦେଶ୍ୟ ବୁଝନ୍ତି।

ପ୍ରକାଶ ଥାଉକି, ଆଜି ମେହବୁବା ମୁଫତି ଜମ୍ମୁ କାଶ୍ମୀରରେ ନିର୍ବାଚନୀ ପ୍ରଚାର କରିବାର ଥିଲା। କିନ୍ତୁ ସେ ଏହାକୁ ବାତିଲ କରାଯାଇଥିବା ନେଇ ସୋସିଆଲ ମିଡିଆ ପୋଷ୍ଟରେ ସୂଚନା ଦେଇଥିଲେ। ତାଙ୍କ ଦଳ ପାଲେଷ୍ଟାଇନ ଏବଂ ଲେବାନନ ସପକ୍ଷରେ ଥିବା କହିଥିଲେ। ଅକ୍ଟୋବର ୧ରେ ଜମ୍ମୁ କାଶ୍ମୀରରେ ବିଧାନସଭା ନିର୍ବାଚନ ପାଇଁ ତୃତୀୟ ପର୍ଯ୍ୟାୟ ଭୋଟ୍ ପଡ଼ିବ। ସେପ୍ଟେମ୍ବର ୧୭ ଏବଂ ୨୫ରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ହୋଇସାରିଛି।

ପୁରୀ ରେଲୱେ ଷ୍ଟେସନ୍‌ରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନୁଷ୍ଠିତ

॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର, ୨୯।୯ : ପୂର୍ବତଟ ରେଲୱେ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ସ୍ୱଚ୍ଛତା ହିଁ ସେବା ଅଭିଯାନ ସହ ଶ୍ରମଦାନ କରାଯାଇଥିଲା। ଯେଉଁଥିରେ ରେଲୱେ କର୍ମଚାରୀଙ୍କ ଦ୍ୱାରା ଶ୍ରମଦାନ, ଦୁଇଟି ନୁକ୍କଡ୍ ନାଟକ, ପ୍ରଚାଳନ କ୍ଷେତ୍ର ଏବଂ ପ୍ଲାଟଫର୍ମରେ ସ୍ୱଚ୍ଛତା ପାଇଁ ଯାତ୍ରୀଙ୍କୁ ପରିବେଶମାନ ଥଳୀ ବଣ୍ଟନ କରାଯାଇଥିଲା।

ପୂର୍ବ କୋଷ୍ଟ ରେଲୱେର ଏଜିଏମ୍ ଏମ୍‌କେ ବେହେରା ଏହି କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଜଗନ୍ନାଥ ଧାମ ପୁରୀ ରୋଟାରି କ୍ଲବ ଓ ଭୁବନେଶ୍ୱର ଗ୍ୟାଲାକ୍ସି ରୋଟାରି କ୍ଲବ, ପୂର୍ବ କୋଷ୍ଟ ରେଲୱେ, ଭାରତ ସ୍କାଉଟସ୍ ଏବଂ ଗାଇଡ୍ସ ପୁରୀ, ଆର୍‌ପିଏଫ୍ ପରିବାର ଓ ବିଶାଳ ସଂଖ୍ୟକ ରେଲୱେ ପରିବାର କର୍ମଚାରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଦିନେଶ କୁମାରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

ହାତୀକୁ ନେଇ ଅଞ୍ଚଳବାସୀ ଆତଙ୍କିତ

॥ ପ୍ରଭାନ୍ୟୁଜ୍ ॥ ଢେଙ୍କାନାଳ, ୨୯।୯ : ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକର ମୁଖ୍ୟ କେନ୍ଦ୍ର ଗଁଦିଆ ଠାରୁ ଯୋରନ୍ଦାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ସନ୍ଧ୍ୟା ହେଲେ ଉକ୍ତ ରାସ୍ତାରେ ଯିବା ଆସିବ ପାଇଁ ଜନସାଧାରଣ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଏହାର ପ୍ରମୁଖ କାରଣ ହେଉଛି ହାତୀର ଉପସ୍ଥିତି। ସନ୍ନୁପୁର ଗ୍ରାମ ପଂଚାୟତର ଡାଳସିଂହମାର୍ଥାପୁର ଗ୍ରାମ ସନ୍ନିକଟ ଥିବା ଠାକୁରାଣୀ ଖଣ୍ଡଉଣୀଙ୍କ ପୀଠ ଠାରେ ଉକ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଜଙ୍ଗଲ ମଧ୍ୟରେ ୬ଦିନ ଧରୀ ୪ ଗୋଟି ହାତୀ ଗୋଟିଏ ଦନ୍ତା ଗୋଟିଏ ଗୁଣ୍ଡୁଣି ଓ ଦୁଇଟା ଛୁଆ ହାତୀ ଏହି ସ୍ଥାନରେ ଏକ ପ୍ରକାର ଆତଙ୍କ ରାଜ ଚଳାଇଛନ୍ତି। ହାତୀ ଗୁଡିକ ସନ୍ଧ୍ୟା ସମୟରେ ରାସ୍ତା ଉପରକୁ ଆସିବା ସହିତ ଦନ୍ତା ହାତୀଟି ସମୟେ ସମୟେ ରାସ୍ତାରେ ଗଲାବେଳେ ତଡୁଛି ଏଣୁ ଏହି ରାସ୍ତା ରେ ଏକ ପ୍ରକାର ଭୟ ସଂଚାର ହୋଇଛି। ହାତୀମାନଙ୍କୁ ଏଠାରେ ଥିବା ପ୍ରାଣୀ ଉଦ୍ୟାନ ହାତୀ ସୁରକ୍ଷା କେନ୍ଦ୍ରରେ ରଖାଯାଉଥିବା ବେଳେ ଗ୍ରାମ ସନ୍ନିକକଟ ଜଙ୍ଗଲ ମଧ୍ୟରେ ରହୁଥିବା ହାତୀମାନଙ୍କ ଦାଉରୁ କେବେ ବନ ବିଭାଗ ଚାଷୀଙ୍କ ଫସଲ ସୁରକ୍ଷା ସହିତ ଜନସାଧାରଣମାନଙ୍କୁ କେବେ ସ୍ଥାୟୀ ସୁରକ୍ଷା ଯୋଗାଇ ଦେବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ନଡ଼ିଆ ବିକାଳୀଙ୍କ ଉପରକୁ ମାଡିଗଲା କାର
ଘଟଣା ସ୍ଥଳରେ ମହିଳାଙ୍କ ମୃତ୍ୟୁ

॥ ପ୍ରଭାନ୍ୟୁଜ୍ ॥ ବ୍ରହ୍ମପୁର, ୨୯।୯ : ବ୍ରହ୍ମପୁର ବିଜିପୁର ସନ୍ତୋଷୀମା ମନ୍ଦିର ନିକଟରେ ନଡ଼ିଆ ବିକାଳୀ ଦୋକାନ ଉପରକୁ ମାଡିଗଲା କାର ଫଳରେ ନଡ଼ିଆ ବିକାଳୀଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଯାଇଥିଲା। ଖବର ପାଇ ଘଟଣା ସ୍ଥଳରେ ଟାଉନ ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିଥିବା ସହିତ ଶବକୁ ଜବତ କରି ପୋଷ୍ଟମୋର୍ଟମ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲେ। ମୃତ ମହିଳା ଜଣଙ୍କ ଭୈରବୀ ଅଂଚଳର ବାସନ୍ତୀନାୟକ ବୋଲି ଜଣାପଡିଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଏହି ଘଟଣା ଘଟାଇ ଥିବା କାର ଚାଳକ ଶାସ୍ତ୍ରୀ ନଗରର ସନ୍ତୋଷ କୁମାର ଖଡଙ୍ଗା ଥାନାରେ ଆତ୍ମ ସମର୍ପଣ କରିଥିବା ଜଣାପଡ଼ିଛି।

ସ୍ୱଚ୍ଛତା ହିଁ ସେବା ଉପଲକ୍ଷେ ମିନି ମାରାଥନ ଆୟୋଜିତ

॥ ପ୍ରଭାନ୍ୟୁଜ୍ ॥ ବାରିପଦା/ ସାରସକଣା, ୨୯।୯ : ଆସନ୍ତା ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସାରା ରାଜ୍ୟ ରେ ପାଳିତ ହେଉଥିବା ସ୍ୱଚ୍ଛତା ହିଁ ସେବା ଅଭିଯାନରେ ସମସ୍ତ ଜନସାଧାରଣଙ୍କୁ ସାମିଲ କରାଇବା ପାଇଁ ବିଭିନ୍ନ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

ଏହି ପରିପ୍ରେକ୍ଷୀରେ ବାରିପଦା ପୌରପାଳିକା ଓ ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଏହି ସ୍ୱଚ୍ଛତା ହିଁ ସେବା ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ରବିବାର ଦିନ ଏକ ମିନି ମାରାଥନର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଗୃହ ଓ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ, କୃଷ୍ଣଚନ୍ଦ୍ର ମହାପାତ୍ର ଏହି ମାରାଥନକୁ ସବୁଜ ପତାକା ଦେଖାଇ ବାରିପଦା ପୌରାଞ୍ଚଳ ସ୍ଥିତ ଛଉ ପଡିଆ ଠାରୁ ଶୁଭାରମ୍ଭ କରିଥିଲେ। ଏହି ମାରାଥନରେ ବିଧାୟକ, ବାରିପଦା ପ୍ରକାଶ ସୋରେନ, ବାରିପଦା ପୌରାଧକ୍ଷ, କୃଷ୍ଣାନନ୍ଦ ମହାନ୍ତି, ଉପ-ପୌରାଧକ୍ଷା ସୀମା ଦାସ ଓ ବାରିପଦା ପୌରାଞ୍ଚଳ ନିର୍ବାହୀ ଅଧିକାରିଣୀ ମଧୁସ୍ମିତା ସାମନ୍ତରାୟ ଯୋଗ ଦେଇ ଏହି ଅଭିଯାନରେ ମାରାଥନରେ ଭାଗ ନେଇଥିଲେ।

ମେଗା ରକ୍ତଦାନ ଶିବିର

॥ ପ୍ରଭାନ୍ୟୁଜ୍ ॥ ବ୍ରହ୍ମପୁର, ୨୯।୯ : ବ୍ରହ୍ମପୁରରେ ବିଧାୟକ କେ ଅନୀଲ କୁମାରଙ୍କ ନେତୃତ୍ୱରେ ମେଗା ରକ୍ତଦାନ ଶିବିର ଗାନ୍ଧୀ ନଗର କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଥିଲା। ବହୁ ଯୁବକ ଏଥିରେ ଯୋଗ ଦେଇ ରକ୍ତ ଦାନ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ସେବା ପକ୍ଷ ପାଳନ କରାଯାଇ ଏଭଳି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ବିଧାୟକ କହିଛନ୍ତି। ପାଖାପାଖି ୫୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇ ବ୍ରହ୍ମପୁର ବଡ଼ ମେଡିକାଲ ରକ୍ତ ଭଣ୍ଡାରକୁ ପ୍ରଦାନ କରାଯିବ ବୋଲି ବିଧାୟକ ଅନୀଲ କୁମାର କହିଛନ୍ତି। ପ୍ରାୟ ସମୟରେ ଚିକିତ୍ସା ସମୟରେ ରକ୍ତର ଆବଶ୍ୟକତା ନେଇ ବହୁ ଲୋକ ନିବେଦନ କରିଥାନ୍ତି। ଏମକେସିଜିରେ ରକ୍ତର ଅଭାବ ପୂରଣ ପାଇଁ ଏଭଳି ପଦକ୍ଷେପ ନେଇଥିବା ବିଧାୟକ କେ ଅନୀଲ କୁମାର କହିଛନ୍ତି। ଏହି ଅବସରରେ ବିଜେପି ଜିଲ୍ଲା ସଭାପତି ସୁବାଷ ସାହୁ, ବରିଷ୍ଠ ବିଜେପି ନେତା ଟି ଗୋପୀ, ପୀତବାସ ପଣ୍ଡା, ସଞ୍ଜୟ ଜେନା, ବଦ୍ରୀ ନାରାୟଣ ନାୟକ,ରାଜୀବ ମିଶ୍ରଙ୍କ ସମେତ ବହୁ ବିଜେପି କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ମତ୍ସ୍ୟଚାଷ ପାଇଁ ଅଶ୍ୱିନୀଙ୍କୁ ମିଳିଲା ପୁରସ୍କାର

॥ ପ୍ରଭାନ୍ୟୁଜ୍ ॥ ସାରସକଣା, ୨୯।୯ : ମୟୂରଭଞ୍ଜ ଜିଲ୍ଲାର ସାରସକଣା ବ୍ଲକ କେଣ୍ଡୁମୁଣ୍ଡି ଗ୍ରାମରେ ଅବସ୍ଥିତ ଥିବା ଅବନୀ ଫିଶେରିଜ ଏବଂ ଆକୁଆଟିକ୍‌ର ପ୍ରୋପାଇଟୋର୍ ଅଶ୍ୱନୀ କୁମାର ମହାନ୍ତଙ୍କୁ ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ କମ୍ପାନୀ ତରଫରୁ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ଭୁବନେଶ୍ୱର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀଙ୍କ ଠାରୁ ରାଜ୍ୟ ସ୍ତରୀୟ କୃଷି କନକ୍ଲେଭ୍‌ରେ ରାଜ୍ୟ ସଫଳ ମତ୍ସ୍ୟ ଚାଷୀ ସମ୍ମାନ ପୁରସ୍କାର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ବିଷୟ କୃଷିର ସାମଗ୍ରିକ ବିକାଶରେ ଯୁବ ଓ ମହିଳା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଭୁବନେଶ୍ୱର ମେୟର ସୁଲଚନା ଦାସ ,ସୁଜିତ କୁମାର ସାଂସଦ, ପଞ୍ଚାନନ୍ଦ କାନୁଙ୍ଗ, ମିରିଦୁଲା ଦେବୀ , ନୀଳମଣି ବିଶୋଇ ବିଧାୟକ, ସୌମ୍ୟଶ୍ରୀ ପାଣିଗ୍ରାହୀ, ଗୌରାଙ୍ଗ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀ ମାନନଙ୍କ ବିଭିନ୍ନ ପ୍ରକାରର ଅସୁବିଧାରେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏଠାରେ ସମସ୍ତ ବିଭାଗର ବୈଜ୍ଞାନିକ ମାନଙ୍କୁ ନିଜେ ଚାଷୀ ନିଜର ସମସ୍ୟା ଉପରେ ପଚାରିବୁଝିଥିଲେ । କୃଷକ ଓ କୃଷି ବୈଜ୍ଞାନିକ ମାନଙ୍କ କୃଷି ଆଲୋଚନା ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଓ କୃଷି, ସଫଳତା ପଥେ ଶ୍ରୀ ଅନ୍ନ, ବିକଶିତ ଓଡ଼ିଶା ଗଠନରେ ମହିଳା ଓ ଷ୍ଟାର୍ଟଅପ୍ , ମତ୍ସ୍ୟ ସମ୍ପଦର ବିକାଶ ଓ ମତ୍ସ୍ୟ ଚାଷୀ । ପରିଶେଷରେ କେମିତି ଗାଁ ମାନଙ୍କରେ ଚାଷୀଙ୍କୁ ସଚେତନ କାର୍ଯକ୍ରମ ହେବ ଶ୍ୟାମଳ ସୁବର୍ଣ୍ଣ ତରଫରୁ କରିବେ ବୋଲି କହିଥିଲେ।

ସୀମାନ୍ତରେ ଫେରାର ମାଓବାଦୀ ଗିରଫ

॥ ପ୍ରଭାନ୍ୟୁଜ୍ ॥ ମାଲକାନଗିରି, ୨୮।୯ : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ସୁକୁମାରେ ଯବାନଙ୍କ ଦ୍ୱାରା ମାଓ ଦମନ ତଲାସି ଅଭିଯାନ ବେଳେ ଜଣେ ଫେରାର ମାଓବାଦୀ ଗିରଫ। ସୂଚନା ଅନୁଯାୟୀ ସୁକୁମା ଜିଲ୍ଲା ପୋଲିସ, ସିଆରପିଏଫ ଏବଂ ୨୦୭ କୋବ୍ରା ବାହିନୀ ଭଣ୍ଡାରପଦର ଜଙ୍ଗଲ ନିକଟରେ ଥିବା ଜଙ୍ଗଲରେ ତଲାସି ଅଭିଯାନ କରିଥିଲେ। ଏହି ଅଭିଯାନ ସମୟରେ ଯବାନଙ୍କୁ ଦେଖି କିଛି ବ୍ୟକ୍ତି ଜଙ୍ଗଲ ମଧ୍ୟରେ ଲୁଚି ପଳାଉଥିବା ଦେଖି ଯବାନମାନେ ସେମାନଙ୍କୁ କାବୁ କରିବା ପାଇଁ ପ୍ରୟାସ କରିବା ବେଳେ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଏହାପରେ ଉକ୍ତ ବ୍ୟକ୍ତିକୁ ପଚ଼ରା ଉଚ୍ଛର ବେଳେ ସେ ଜଣେ ମାଓବାଦୀ ଓ ତାର ନାମ ମୁଚାକି ହୁଙ୍ଗା ବୋଲି ସ୍ୱୀକାର କରିଥିଲା। ଅଧିକ ତଦନ୍ତ ବେଳେ ଉକ୍ତ ମାଓବାଦୀ ଜଣଙ୍କ ନାମରେ ପୂର୍ବରୁ ଭେଜି ଥାନାରେ ଅନେକ ମାମଲା ରହିଥିବା ବେଳେ ତାଙ୍କୁ ଗିରଫ ସାମୀରେ ସେ ଫେରାର ହୋଇଯାଇଥିଲା। ଉକ୍ତ ପଳାତକ ଅଭିଯୁକ୍ତ ପାଲାମାଡଗୁ ନିବାସୀ ପୋଡିୟମ ଯୋଗାଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ସାମିଲ ଥିବା ମଧ୍ୟ ଯବାନ ମାନେ ଜାଣିବାକୁ ପାଇବା ପରେ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

MCL ମହାନଦୀ କୋଲଫିଲଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5224